इस पुस्तिका में **20** मुद्रित पृष्ठ हैं।
This Booklet contains **20** printed pages.

www.prepp.in
Prepp
Your Personal Exams Guide

# MVD18–I

परीक्षा पुस्तिका संख्या
Test Booklet No.

LANG. CODE
**14**

## प्रश्न-पत्र—I / PAPER—I
## उड़िया भाषा परिशिष्ट / ODIA LANGUAGE SUPPLEMENT
## भाग IV & V / PART IV & V

परीक्षा पुस्तिका संकेत
**Test Booklet Code**

**I**

**इस परीक्षा पुस्तिका को तब तक न खोलें जब तक कहा न जाए।**
**Do not open this Test Booklet until you are asked to do so.**
**इस परीक्षा पुस्तिका के पिछले आवरण (पृष्ठ संख्या 20) पर दिए गए निर्देशों को ध्यान से पढ़ें।**
**Read carefully the Instructions on the Back Cover (Page No. 20) of this Test Booklet.**

**उड़िया में निर्देशों के लिए इस पुस्तिका की पृष्ठ संख्या 2 व 19 देखें।**
**For Instructions in Odia, see Page Nos. 2 and 19 of this Booklet.**

### *परीक्षार्थियों के लिए निर्देश :*

1. यह पुस्तिका मुख्य परीक्षा पुस्तिका का एक परिशिष्ट है, उन परीक्षार्थियों के लिए जो **या** तो भाग—IV (भाषा—I) **या** भाग—V (भाषा—II) **उड़िया** भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग I, II, III के उत्तर मुख्य परीक्षा पुस्तिका से दें और भाग IV व V के उत्तर उनके द्वारा चुनी भाषाओं से।
3. अंग्रेजी व हिन्दी भाषा पर प्रश्न मुख्य परीक्षा पुस्तिका में भाग—IV व भाग—V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर-पत्र पर निशान लगाने के लिए **केवल काले/नीले बॉलपॉइंट पेन** का प्रयोग करें।
5. इस भाषा पुस्तिका का **संकेत I** है। यह सुनिश्चित कर लें कि इस भाषा परिशिष्ट परीक्षा पुस्तिका का संकेत, उत्तर-पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग IV और V हैं, जिनमें **60** वस्तुनिष्ठ प्रश्न हैं तथा प्रत्येक 1 अंक का है :

   भाग—IV : भाषा—I (उड़िया) (प्रश्न सं० 91–120)
   भाग—V : भाषा—II (उड़िया) (प्रश्न सं० 121–150)
7. भाग—IV में भाषा—I के लिए 30 प्रश्न और भाग—V में भाषा—II के लिए 30 प्रश्न दिए गए हैं। इस परीक्षा पुस्तिका में केवल उड़िया भाषा से सम्बन्धित प्रश्न दिए गए हैं। **यदि भाषा—I और/या भाषा—II में आपके द्वारा चुनी गई भाषा(एँ) उड़िया के अलावा है/हैं, तो कृपया उस भाषा वाली परीक्षा पुस्तिका माँग लें। जिन भाषाओं के प्रश्नों के उत्तर आप दे रहे हैं वह आवेदन-पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग—V (भाषा—II) के लिए, भाषा सूची से ऐसी भाषा चुनें जो उनके द्वारा भाषा—I (भाग—IV) में चुनी गई भाषा से भिन्न हो।**
9. रफ़ कार्य परीक्षा पुस्तिका में इस प्रयोजन के लिए दी गई खाली जगह पर ही करें।
10. सभी उत्तर केवल OMR उत्तर-पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

### *Instructions for Candidates :*

1. This Booklet is a Supplement to the Main Test Booklet for those candidates who wish to answer **EITHER** Part—IV (Language—I) **OR** Part—V (Language—II) in **Odia** language, but **NOT BOTH**.
2. Candidates are required to answer Parts I, II, III from the Main Test Booklet and Parts IV and V from the languages chosen by them.
3. Questions on English and Hindi languages for Part—IV and Part—V have been given in the Main Test Booklet. Language Supplements can be asked for separately.
4. Use **Black/Blue Ballpoint Pen only** for writing particulars on this page/marking responses in the Answer Sheet.
5. The CODE for this Language Booklet is **I**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Test Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **Two** Parts, IV and V, consisting of **60** Objective-type Questions and each carrying 1 mark :

   Part—IV : Language—I (Odia) (Q. Nos. 91–120)
   Part—V : Language—II (Odia) (Q. Nos. 121–150)
7. Part—IV contains 30 questions for Language—I and Part—V contains 30 questions for Language—II. In this Test Booklet, only questions pertaining to Odia Language have been given. **In case, the language(s) you have opted for as Language—I and/or Language—II is a language other than Odia, please ask for a Test Booklet that contains questions on that language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part—V (Language—II) in a language other than the one chosen as Language—I (Part—IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

परीक्षार्थी का नाम (बड़े अक्षरों में) :
Name of the Candidate (in Capital letters) ______________________

अनुक्रमांक (अंकों में) :
Roll Number (in figures) ______________________

(शब्दों में) :
(in words) ______________________

परीक्षा-केन्द्र (बड़े अक्षरों में) :
Centre of Examination (in Capital letters) ______________________

परीक्षार्थी के हस्ताक्षर : ______________________
Candidate's Signature

निरीक्षक के हस्ताक्षर : ______________________
Invigilator's Signature

Facsimile Signature Stamp of Centre Superintendent ______________________

www.prepp.in

| LANG. CODE |
|---|
| **14** |

# MVD18–I

## ପ୍ରଶ୍ନପତ୍ର—I

## ଓଡ଼ିଆ ଭାଷା ପରିଶିଷ୍ଟ

## ଭାଗ IV & V

ପରୀକ୍ଷା ପୁସ୍ତକ କୋଡ୍

**I**

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ନ୍ତୁ।

***ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :***

**1.** ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ। ଯେଉଁ ପରୀକ୍ଷାର୍ଥୀଗଣ ଭାଗ–IV (ଭାଷା–I) **ଅଥବା** ଭାଗ V (ଭାଷା–II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ। ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ।**

**2.** ପରୀକ୍ଷାର୍ଥୀ I, II, III ଭାଗ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ–IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ।

**3.** ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ–IV ଓ V (ମୁଖ୍ୟ ପ୍ରଶ୍ନପତ୍ର)ରେ ଦିଆଯାଇଛି। ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ।

**4.** **କେବଳ କଳା/ନୀଳ ବଲ୍‌ପଏଣ୍ଟ ପେନ୍** ଉତ୍ତର ଲେଖିବା/ଚିହ୍ନଟ କରିବାରେ ବ୍ୟବହାର କରିବେ।

**5.** ଏହି ପ୍ରଶ୍ନପତ୍ରର କୋଡ୍ ହେଉଛି **I**. ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା–2**ରେ ସମାନ କୋଡ୍ ରହିବା ନିଶ୍ଚିତ। ଭାଷା ପରିଶିଷ୍ଟର କୋଡ୍ ମଧ୍ୟ ସମାନ ରହିବ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ।

**6.** ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ, ଭାଗ–IV ଓ V, ସମୁଦାୟ **60**ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 :

| | | |
|---|---|---|
| ଭାଗ—IV : | ଭାଷା—I (ଓଡ଼ିଆ) | (ପ୍ରଶ୍ନ ସଂଖ୍ୟା 91–120) |
| ଭାଗ—V : | ଭାଷା—II (ଓଡ଼ିଆ) | (ପ୍ରଶ୍ନ ସଂଖ୍ୟା 121–150) |

**7.** ଭାଗ—IV (ଭାଷା—I) ରେ **30**ଟି ପ୍ରଶ୍ନ ଓ ଭାଗ—V (ଭାଷା—II) ରେ **30**ଟି ପ୍ରଶ୍ନ ରହିଛି। ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି। **ଯଦି କେହି ଓଡ଼ିଆ ଭାଷା–I ଅଥବା ଭାଷା–II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ। ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷାରୂପେ ବିବେଚନା କରାଯିବ।**

**8.** **ଭାଗ—V (ଭାଷା—II) ରେ ଉତ୍ତର ଦେବା ପାଇଁ ଭାଗ–IV (ଭାଷା–I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ।**

**9.** ପ୍ରଶ୍ନପତ୍ରରେ 'ରଫ କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ।

**10.** ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳା କାଳି ବ୍ୟବହୃତ ହେବ ନାହିଁ।

ପରୀକ୍ଷାର୍ଥୀର ନାମ : ______________________

ରୋଲ ନମ୍ବର (ଅଙ୍କରେ ଲେଖନ୍ତୁ) : ______________________

(ଶବ୍ଦରେ ଲେଖନ୍ତୁ) : ______________________

ପରୀକ୍ଷା କେନ୍ଦ୍ର : ______________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ______________ ନିରୀକ୍ଷକଙ୍କର ହସ୍ତାକ୍ଷର : ______________

Facsimile signature stamp of Centre Superintendent ______________________

ପରୀକ୍ଷାର୍ଥୀ **ଭାଷା–I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–IV**ରେ **(ପ୍ରଶ୍ନ ସଂଖ୍ୟା 91–120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

Candidates should attempt the questions from **Part–IV (Q. Nos. 91–120)**, if they have opted **ODIA** as **Language–I** only.

# Part—IV / ଭାଗ—IV

## Language—I / ଭାଷା—I

## Odia / ଓଡ଼ିଆ

Prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା–I** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–IV**ରେ **(ପ୍ରଶ୍ନ ସଂଖ୍ୟା 91–120)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

**ନିର୍ଦ୍ଦେଶ :** ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛି ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ **(ପ୍ରଶ୍ନ ସଂଖ୍ୟା 91–105)**।

**91.** ଶିକ୍ଷାର୍ଥୀଙ୍କୁ ବନାନ ଶୁଦ୍ଧି ଓ ସଠିକ୍ ବିରାମ ଚିହ୍ନ (punctuation)ର ପ୍ରୟୋଗ କରିବାର ଉପଦେଶ ଦେବା ଫଳରେ—

(1) ସେମାନଙ୍କର ଶିକ୍ଷଣ କୌଶଳ ସମୃଦ୍ଧ ହୁଏ

(2) ସେମାନଙ୍କର ଲିଖନରେ ଶୁଦ୍ଧତା ବଢ଼ିଥାଏ

(3) ସେମାନେ ଅନର୍ଗଳ ଭାବରେ ଭାଷାର ବ୍ୟବହାର କରିଥାନ୍ତି

(4) ସେମାନେ ନିଜର ସୃଜନ ଶକ୍ତି ବଢ଼ାଇଥାନ୍ତି

**92.** ଭାଷା ଶିକ୍ଷାରେ ରଚନାବାଦର ଅର୍ଥ ହେଲା—

(1) ଶିକ୍ଷାର୍ଥୀ ବିଭିନ୍ନ ପ୍ରକାରର ଅସାମଞ୍ଜସ୍ୟ ଥିବା ନମୁନା ମାଧ୍ୟମରେ ଏକ ସୁବ୍ୟବସ୍ଥିତ ସମାଧାନ ସ୍ଥଳରେ ପହଞ୍ଚିଥାନ୍ତି

(2) ଶିକ୍ଷାର୍ଥୀ ଶିକ୍ଷକଙ୍କର ସାହାଯ୍ୟ ନେଇ ନିଜସ୍ୱ ସିଦ୍ଧାନ୍ତ ନିମନ୍ତେ ଭିନ୍ନ ଭିନ୍ନ ମାଧ୍ୟମର ପ୍ରୟୋଗ କରିଥାନ୍ତି

(3) ଶିକ୍ଷାର୍ଥୀ ସେମାନଙ୍କର ନିଜସ୍ୱ ଅନୁଭୂତି ଓ ଅଧ୍ୟୟନ ବଳରେ ବିଶ୍ୱକୁ ବୁଝିଥାନ୍ତି ଓ ଭାଷା ଶିକ୍ଷଣ କୌଶଳରେ ସେଗୁଡ଼ିକର ପ୍ରୟୋଗ କରିଥାନ୍ତି

(4) ଶିକ୍ଷାର୍ଥୀ ନିଜସ୍ୱ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ତା’ ମାଧ୍ୟମରେ ନିଜସ୍ୱ ଉପଲବ୍ଧି ଲାଭ କରିଥାନ୍ତି

**93.** ଏଥିମଧ୍ୟରୁ କେଉଁଟି ଭାରତରେ କ୍ଷେତ୍ରୀୟ ଭାଷାର ବିକାଶ ପାଇଁ ଏକ ପ୍ରକାରର ସତର୍କ ଆହ୍ୱାନ ନୁହେଁ?

(1) ଏ ସଂପର୍କରେ ଜନସାଧାରଣଙ୍କର ଅପରିଚିତ ଭାବ

(2) ସୁବିଧାର ଅଭାବ

(3) ବୁଝିବାର ଅସ୍ପଷ୍ଟତା

(4) ଅନୁବାଦରେ ଅସୁବିଧା

**94.** ଭାଷା ଅର୍ଜନ କାହାକୁ କୁହାଯାଏ?

(1) କେବଳ ଆବଶ୍ୟକ ଶବ୍ଦାବଳୀର ପ୍ରୟୋଗକୁ

(2) ଏପରି ଏକ ବାତାବରଣ ପ୍ରସ୍ତୁତ କରି କୌଶଳ ଲାଭ କରିବା ଯାହାଦ୍ୱାରା ଶିକ୍ଷାର୍ଥୀ ନିଜ ମାତୃଭାଷା ଶିକ୍ଷା କରିପାରିବାକୁ

(3) ବ୍ୟାକରଣର ବିଶ୍ଳେଷଣ ଓ ବୁଝିପାରିବା ନିମନ୍ତେ ଏକ ବ୍ୟବସ୍ଥିତ ଦୃଷ୍ଟିକୋଣର ପ୍ରସ୍ତୁତିକୁ

(4) ମଣିଷର ମସ୍ତିଷ୍କର ସହଜାତ କ୍ଷମତା ଯୋଗୁଁ ଭାଷା ଶିକ୍ଷାର ଏକ କୌଶଳ ବା ପ୍ରକ୍ରିୟାକୁ

www.prepp.in

Prepp
Your Personal Exams Guide

**95.** ଭାଷା ଶିକ୍ଷକ କାହା ମାଧ୍ୟମରେ ଶିକ୍ଷାର୍ଥୀର ଲିଖନ କୌଶଳ ସମ୍ପର୍କରେ ଶିକ୍ଷା ଦେଇପାରିବେ ?

(1) ଶ୍ରୁତଲିଖନ ଦେଇ

(2) ଶିକ୍ଷାର୍ଥୀଙ୍କୁ ପରିଷ୍କାର ଭାବରେ ଲେଖିବାକୁ ପରାମର୍ଶ ଦେଇ

(3) ଶିକ୍ଷାର୍ଥୀଙ୍କର ଜ୍ଞାନବର୍ଦ୍ଧକ ବିଚାରକୁ ନିଜ ଭାଷାରେ ଲେଖିବାର ନିର୍ଦ୍ଦେଶ ଦେଇ

(4) ଶିକ୍ଷାର୍ଥୀଙ୍କୁ ପଢ଼ିବା ଓ ଲେଖିବା ପାଇଁ ବାରମ୍ବାର ପ୍ରବର୍ତ୍ତାଇବା ଦ୍ୱାରା

**96.** ଭାଷା ବ୍ୟବହାର ପ୍ରବାହ ବୃଦ୍ଧି କରାଯାଇପାରିବ କିପରି ?

(1) ଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ

(2) ଶିକ୍ଷାର୍ଥୀ ବୁଝି ନପାରିଲେ ଚୁପ୍‌ଚାପ୍ ବସିବା ପାଇଁ ନିର୍ଦ୍ଦେଶ ଦେବା ଦ୍ୱାରା

(3) ଭୁଲ୍ କଲେ ସଂଗେ ସଂଗେ ଚିହ୍ନଟ କରି ତା'ର ସଂଶୋଧନ କରିଦେବା ଦ୍ୱାରା

(4) ଯୋଗାଯୋଗ ନିମିତ୍ତ ଭାଷାର ପ୍ରୟୋଗରେ ପରିବେଶ ପ୍ରସ୍ତୁତ କରିବା ଦ୍ୱାରା

**97.** ଭାଷା ଶିକ୍ଷଣରେ କୌଣସି ପ୍ରଭାବଶାଳୀ ପାଠର ପ୍ରସ୍ତୁତି ଆରମ୍ଭ ହୁଏ କିପରି ?

(1) ଶିକ୍ଷଣ ଉଦ୍ଦେଶ୍ୟର ସୂଚୀ ପ୍ରସ୍ତୁତ ଦ୍ୱାରା

(2) ସାରାଂଶ କହିବା ସଂଗେ ସଂଗେ ପୁନରାବୃତ୍ତି କରିବା ଭଳି କାର୍ଯ୍ୟଦେଇ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ଦ୍ୱାରା

(3) ପାଠ୍ୟର ବିଷୟବସ୍ତୁ ଉପସ୍ଥାପନ ଦ୍ୱାରା

(4) ବ୍ଲାକ୍‌ବୋର୍ଡରେ ଲେଖିବା ଦ୍ୱାରା

**98.** ଉପଚାରାତ୍ମକ ଶିକ୍ଷଣ (Remedial teaching)ର କାର୍ଯ୍ୟ ହେବ—

(1) ଆଦେଶାତ୍ମକ

(2) ନିର୍ଦ୍ଦେଶାତ୍ମକ

(3) ନିଷେଧାତ୍ମକ

(4) ସୈଦ୍ଧାନ୍ତିକ

**99.** କିପରି ଭାବେ ଭାଷା କୌଶଳ ଶିଖାଯିବା ଉଚିତ୍ ?

(1) ସ୍ପଷ୍ଟ ବ୍ୟାଖ୍ୟା ଦ୍ୱାରା

(2) ଏକାକୀପଣ (isolation)ରେ

(3) ଏକୀକୃତ ପଦ୍ଧତିରେ

(4) ଅନୁକରଣ ଦ୍ୱାରା

www.prepp.in

Prepp
Your Personal Exams Guide

**100.** ଭାଷା ଶିକ୍ଷଣ ପ୍ରକ୍ରିୟା ସମୟରେ ଶିକ୍ଷାର୍ଥୀଙ୍କ ଉଚ୍ଚାରଣରେ ଆତ୍ମବିଶ୍ୱାସ କମିଗଲେ, ତାହାକୁ କିପରି ଭାବେ ବଢ଼ା ଯାଇପାରିବ ?

(1) ଶ୍ରେଣୀକକ୍ଷରେ ଉଚ୍ଚ ସ୍ୱରରେ ପଢ଼ାଇବା ଦ୍ୱାରା

(2) ଶିକ୍ଷାର୍ଥୀ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରିବାର ବ୍ୟବସ୍ଥା କରିବା ଦ୍ୱାରା

(3) ତୁରନ୍ତ ଠିକ୍ ଉଚ୍ଚାରଣ କରିବା ପାଇଁ ପ୍ରବର୍ତ୍ତାଇବା ଦ୍ୱାରା

(4) ଭାଷା ବିଶେଷଜ୍ଞଙ୍କ ସହାୟତାରେ ସ୍ୱତନ୍ତ୍ର କାର୍ଯ୍ୟଶାଳାର ପ୍ରସ୍ତୁତ କରିବା ଦ୍ୱାରା

**101.** ଯଦି ଏକ ପ୍ରଶ୍ନପତ୍ର ପ୍ରସ୍ତୁତ କରିବା ପରେ ଶିକ୍ଷକ ପରୀକ୍ଷଣର ଉଦ୍ଦେଶ୍ୟ ପରୀକ୍ଷା କରି ନେଇଥାନ୍ତି, ତେବେ ପ୍ରଶ୍ନପତ୍ରର କେଉଁ ଭାଗର ପ୍ରଶ୍ନ ପ୍ରତି ଶିକ୍ଷକ ଅଧିକ ଜାଗୃତ ଥାଆନ୍ତି ?

(1) ବିଷୟବସ୍ତୁର ସମାବେଶ

(2) ପ୍ରଶ୍ନର ପ୍ରକାରଭେଦ

(3) ପ୍ରଶ୍ନର ବିଶ୍ୱାସନୀୟତା

(4) ପ୍ରଶ୍ନର ବୈଧତା

**102.** ______ ରେ କ୍ଳିଷ୍ଟତା, ପଠନ-କ୍ଳିଷ୍ଟତାର ସଂକେତ ନୁହେଁ।

(1) ବର୍ଣ୍ଣ ଓ ଶବ୍ଦ ଚିହ୍ନିବା

(2) ବନାନ ବ୍ୟବହାରରେ କ୍ରମବର୍ଦ୍ଧତା

(3) ପଠନର ଗତି ଓ ପ୍ରବାହ

(4) ଶବ୍ଦ ଓ ତା'ର ବିଚାରରେ ହୃଦୟଙ୍ଗମତା

**103.** ଭାଷା ସଂପର୍କରେ ଏଥିମଧ୍ୟରୁ କେ[illegible] ନୁହେଁ ?

(1) ପ୍ରତ୍ୟେକ ଭାଷାର ନିଜସ୍ୱ ସଂରଚନା ରହିଛି

(2) ଭାଷା ସଂସ୍କୃତି ଓ ସଭ୍ୟତା ସହ ଜଡ଼ିତ

(3) ଭାଷା ସରଳରୁ ଜଟିଳ ଦିଗକୁ ଗତି କରିଥାଏ

(4) ଭାଷା ସଂଶ୍ଳେଷଣ (synthesis)ରୁ ବିଶ୍ଳେଷଣ ଦିଗକୁ ଗତି କରିଥାଏ

**104.** ଏଥିମଧ୍ୟରୁ କେଉଁ ଅଭ୍ୟାସ ମୌଖିକ ଭାଷାର ବିକାଶରେ ସହାୟକ ହୋଇଥାଏ ?

(1) ପାଠ୍ୟପୁସ୍ତକର କାହାଣୀ ଶିକ୍ଷକ ଓ ଶିକ୍ଷାର୍ଥୀ ସମବେତ ଭାବରେ ପାଠ କରିବା

(2) ସମବେତ ଭାବରେ ଶବ୍ଦର ଶୁଦ୍ଧ ଉଚ୍ଚାରଣ ଅଭ୍ୟାସ କରିବା

(3) ଜଣ ଜଣ କରି କବିତା ପାଠ କରି ମନେ ରଖିବା

(4) ପ୍ରିୟ କାହାଣୀର ନାଟ୍ୟ ରୂପାନ୍ତର କରି ଅଭିନୟ କରାଇବା

**105.** ଦ୍ରୁତ ପଠନର ଉଦ୍ଦେଶ୍ୟ ହେଲା—

(1) ଆଗ୍ରହ ଜାଗ୍ରତ କରାଇବା

(2) ତନ୍ନ ତନ୍ନ କରି ସମସ୍ତ ବିଷୟ ଜାଣିବା

(3) ବିସ୍ତୃତ ପାଠ କରାଇବା

(4) ସୂଚନା ଲାଭ କରାଇବା

www.prepp.in

**ନିର୍ଦ୍ଦେଶ :** ନିମ୍ନ ଗଦ୍ୟାଂଶକୁ ପାଠକରି ଏହା ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ **(ପ୍ରଶ୍ନ ସଂଖ୍ୟା 106–114)**ର ଉତ୍ତର ଭାବେ ସେଥିରେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ ।

‘‘ଭାରତରେ ଜାତୀୟତା ଗଠନର ନାନା ଅନ୍ତରାୟ ରହିଅଛି । ନାନା ଭାଷା, ନାନା ଧର୍ମ, ନାନାବିଧ ଆଚାର ବ୍ୟବହାର ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଏତେ ପାର୍ଥକ୍ୟ ରହିଛି ଯେ ଭାରତ ଜାତୀୟତା ଏକାବେଳେକେ କେହି କେହି ଅସମ୍ଭବ ମନେ କରନ୍ତି; ସେଥିରେ ପୁଣି କୌଣସି ଏକ ପ୍ରଦେଶ ବା ଅଞ୍ଚଳରେ ସେହି ପ୍ରକାର ଭେଦ ଘଟିଲେ ଭାରତର ଜାତୀୟ ସମସ୍ୟା ଅଧିକ ଦୁଃସାଧ୍ୟ ଏବଂ ଜଟିଳ ହେବ । ଏକ ପ୍ରଦେଶରେ ବାସକରି ସମସ୍ତ ଶ୍ରେୟଃ ସ୍ୱାର୍ଥ ମାୟାମମତା ତାହା ସଂଗେ ମିଶାଇ ନଦେଇ ଯେଉଁମାନେ ସ୍ୱତନ୍ତ୍ର ସ୍ୱାର୍ଥ ଏବଂ ସ୍ୱତନ୍ତ୍ର ଦାବୀ କରନ୍ତି, ସେମାନେ ସେ ପ୍ରଦେଶର ଉନ୍ନତି ପଥରେ କଣ୍ଟକ, ନିଜର ସଂକୀର୍ଣ୍ଣ ଆପାତ ସ୍ୱାର୍ଥ ଲାଗି ଅନ୍ୟ ଜାତିର ଉନ୍ନତିରେ ଅନ୍ତରାୟ ଏବଂ ଏକ ପ୍ରଦେଶ ମଧ୍ୟରେ ସ୍ୱାର୍ଥର ଅନୈକ୍ୟ ଘଟାଇବା ଦ୍ୱାରା ଭାରତର ସମୂହ କଲ୍ୟାଣ ଶତ୍ରୁ, ସୁତରାଂ ପରିଣାମରେ ଆତ୍ମଘାତୀ । ଅତଏବ ପ୍ରାକୃତିକ ଓଡ଼ିଶାରେ ଯେଉଁ ବିଭିନ୍ନ ଶ୍ରେଣୀ–ସଂପ୍ରଦାୟର ଲୋକେ ବାସକରି ଏହାକୁ ନିଜ ଦେଶ ବୋଲି ଗ୍ରହଣ କରି ଅଛନ୍ତି, ସେ ସମସ୍ତଙ୍କ ସମ୍ମିଳନୀରେ ଯେଉଁ ଓଡ଼ିଆ ଜାତି ସଂଗଠିତ, ତାହାର ଜାତୀୟତାର ବିକାଶ ସମ୍ମିଳନୀର ଉଦ୍ଦେଶ୍ୟ ।

ଯେ ଯେଉଁ ଜାତିର ହୁଅନ୍ତୁ, ସେ ସର୍ବପ୍ରଥମେ ମନୁଷ୍ୟ, ଈଶ୍ୱରଙ୍କର ସନ୍ତାନ । ଏହି ସମତା ଏବଂ ଭ୍ରାତୃଭାବ ପ୍ରତ୍ୟେକ ଜାତିର ଧର୍ମଶାସ୍ତ୍ରରେ ପ୍ରତିପାଦିତ ହୋଇଅଛି ଏବଂ ଏହାହିଁ ଜାତୀୟ ଜୀବନର ମୂଳମନ୍ତ୍ର ହେବା ଉଚିତ୍ । ମାନବ ସମାଜ କ୍ରମେ ବଢ଼ିବାକୁ ଲାଗିଲା । ଭିନ୍ନ ଭିନ୍ନ ଭୂଖଣ୍ଡରେ ବିଭିନ୍ନ ଦଳର ମନୁଷ୍ୟ ବାସକରି ସେଠାରେ ସେମାନେ କେତେଗୁଡ଼ିଏ ସ୍ୱାତନ୍ତ୍ର୍ୟ ଲାଭ କଲେ । ଏହି ସ୍ୱାତନ୍ତ୍ର୍ୟ ସେମାନଙ୍କର ଜାତୀୟ ଚରିତ୍ର ।’’

**106.** କେଉଁମାନଙ୍କୁ ପ୍ରଦେଶର ଉନ୍ନତି ପଥରେ କଣ୍ଟକ ସଦୃଶ କୁହାଯାଇଛି ?

(1) ଯେଉଁମାନେ ଜାତୀୟତା ଗଠନରେ ଭୂମିକା ନିର୍ବାହ କରନ୍ତି

(2) ଯେଉଁମାନେ ସେହି ପ୍ରଦେଶରେ ବାସକରି ନିଜକୁ ସ୍ୱତନ୍ତ୍ର ବୋଲି ଦାବୀ କରନ୍ତି

(3) ଯେଉଁମାନେ ସଂଗଠିତ ମନେ କରନ୍ତି

(4) ଯେଉଁମାନେ ନିଜକୁ ମନୁଷ୍ୟ ବୋଲି ମନେ କରନ୍ତି

**107.** ଗଦ୍ୟାଂଶଟିରେ ଦିଆଯାଇଥିବା ‘ନାନା’ ଶବ୍ଦର ଅର୍ଥ ହେବ—

(1) ନୂତନ

(2) ପ୍ରତିଷ୍ଠା

(3) ବିବିଧ

(4) ସ୍ୱାତନ୍ତ୍ର୍ୟ

**108.** ମନୁଷ୍ୟ କିଏ ?

(1) ଈଶ୍ୱରଙ୍କ ସନ୍ତାନ

(2) ଜାତିର ପ୍ରତିନିଧି

(3) ଓଡ଼ିଆ ଜାତି

(4) ଯାହାର ମାୟାମମତା ରହିଛି

**109.** ଜାତୀୟ ଜୀବନର ମୂଳମନ୍ତ୍ର କ'ଣ ?

www.prepp.in

(1) ମାନବ ସମାଜର କଲ୍ୟାଣ

(2) ନାନା ଭାଷା ଓ ନାନା ଧର୍ମ

(3) ବିଭିନ୍ନ ସଂପ୍ରଦାୟର ଲୋକଙ୍କର ସହାବସ୍ଥାନ

(4) ସମତା ଓ ଭ୍ରାତୃଭାବ

**110.** 'ଦୁଃସାଧ୍ୟ'ର ବିପରୀତାର୍ଥକ ଶବ୍ଦଟି ହେବ—

(1) ସରଳ ସାଧ୍ୟ

(2) ସହଜ ସାଧ୍ୟ

(3) ସହଜ ବୋଧ୍ୟ

(4) ସରଳ ବୋଧ

**111.** ଜାତୀୟ ଚରିତ୍ର କ'ଣ ?

(1) ସଂଘବଦ୍ଧ ଜୀବନଯାପନ

(2) ସଂଘବଦ୍ଧ ଜୀବନଯାପନ ଫଳରେ ସ୍ୱାତନ୍ତ୍ର୍ୟ ଲାଭ

(3) ସମସ୍ତଙ୍କ ମଧ୍ୟରେ ସମାନତା

(4) ସ୍ୱାର୍ଥ ଓ ମାୟାମମତା ତ୍ୟାଗ

**112.** 'ବାଧା' ଶବ୍ଦର ସମାନ ଅର୍ଥ ପ୍ରକାଶ କରୁଥିବା ଶବ୍ଦଟି ଅନୁଚ୍ଛେଦରୁ ବାଛନ୍ତୁ।

Prepp
Your Personal Exams Guide

(1) ଆତ୍ମଘାତୀ

(2) ଦୁଃସାଧ୍ୟ

(3) ଜଟିଳ

(4) ଅନ୍ତରାୟ

**113.** 'ପଥରେ' କେଉଁ ବିଭକ୍ତିର ଉଦାହରଣ ରହିଛି ?

(1) ପ୍ରଥମା

(2) ଦ୍ୱିତୀୟା

(3) ତୃତୀୟା

(4) ଚତୁର୍ଥୀ

**114.** 'କଣ୍ଟକ' ଶବ୍ଦର ଅର୍ଥ ହେବ—

(1) କଣ୍ଟକାବୃତ୍ତ

(2) କଣ୍ଟା ପକାଇବା

(3) କଣ୍ଟା ସଦୃଶ

(4) କଣ୍ଟାରେ ପୂର୍ଣ୍ଣ

www.prepp.in

**ନିର୍ଦ୍ଦେଶ :** ନିମ୍ନ କବିତାଂଶଟି ପାଠକରି ଏହାର ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର (ପ୍ରଶ୍ନ ସଂଖ୍ୟା **115–120**)ର ଉତ୍ତର ଭାବେ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ।

"ବିରହୀ ଯକ୍ଷର ବାର୍ତ୍ତା
ବକ୍ଷ ପରେ ଆଙ୍କି ରଖି ଘନ
ଆସିଛି କି ପକ୍ଷେ ତବ
ସାଉଁଳାଇ ଭୂଧର ଗଗନ।
ଯିବ ସେ ଅଳକା–ପୁରେ,
କାନ୍ଦେ ଯହିଁ ଯକ୍ଷ ବିରହିଣୀ,
ଗାଲେ ହାତ ଭାଲେ ସ୍ୱେଦ,
ବୁକେ ତିକ୍ତ ବିଳାପ ରାଗିଣୀ ?
କର୍ପୂର ଚନ୍ଦନ ବୋଳେ
ଯାଉନି ତା' ବେଦନା ଅମାପ,
ତୁମର ଶୀକର ଘନ,
ମୁଞ୍ଜିକି ହେ ପାରିବ ସେ ତାପ ?"

**115.** କାହାର ଆଗମନ କଥା କବିତାଂଶଟିରେ କୁହାଯାଇଛି ?

(1) ବିରହିଣୀର

(2) କବିଙ୍କର

(3) ଭୂଧରର

(4) ମେଘର

**116.** କାହା ଦେହରେ କର୍ପୁର ଚନ୍ଦନ ବୋଳିବା ବିଷୟରେ ଉଲ୍ଲେଖ ଅଛି ?

(1) ବିରହୀ

(2) ବିରହିଣୀ

(3) ମେଘ

(4) ପକ୍ଷୀ

**117.** 'ଭୂଧର' ଶବ୍ଦର ଅର୍ଥ କ'ଣ ?

(1) ଗଗନ

(2) ଯକ୍ଷ

(3) ପର୍ବତ

(4) ଉତ୍ତାପ

**118.** 'ଅପରିମିତ'ର ସମାର୍ଥକ ଶବ୍ଦଟି କ'ଣ ?

(1) ବିଳାପ

(2) ବେଦନା

(3) ଶୀକର

(4) ଅମାପ

**119.** 'ବିରହିଣୀ'ର ପୁଲିଂଗ ସୂଚକ ଶବ୍ଦଟି ହେବ—

(1) ବକ୍ଷ

(2) ବିରହୀ

(3) ମୁଞ୍ଜିକି

(4) ଶୀକର

**120.** କେଉଁ ବାଟଦେଇ ମେଘ ଆସିବା କଥା କୁହାଯାଇଛି ?

(1) ପର୍ବତ ଓ ଆକାଶ ମଧ୍ୟରେ

(2) ଅଳକାପୁରକୁ ଛୁଇଁ

(3) ଯେଉଁଠାରେ ଯକ୍ଷ ବସି କାନ୍ଦୁଛି

(4) ବିରହିଣୀ ବସିଥିବା ପଥ ଦେଇ

Prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା–II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–V**ରେ **(ପ୍ରଶ୍ନ ସଂଖ୍ୟା 121–150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

Candidates should attempt the questions from **Part–V (Q. Nos. 121–150)**, if they have opted **ODIA** as **Language–II** only.

# Part—V / ଭାଗ—V

## Language—II / ଭାଷା—II

## Odia / ଓଡ଼ିଆ

Prepp
Your Personal Exams Guide

ପରୀକ୍ଷାର୍ଥୀ **ଭାଷା–II** ଭାବରେ **ଓଡ଼ିଆ ଭାଷା** ବାଛିଥିଲେ **ଭାଗ–V**ରେ **(ପ୍ରଶ୍ନ ସଂଖ୍ୟା 121–150)** ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କରିବେ।

**ନିର୍ଦ୍ଦେଶ :** ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛି ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ **(ପ୍ରଶ୍ନ ସଂଖ୍ୟା 121–135)**।

**121.** ଏଥିମଧ୍ୟରୁ କେଉଁଟି ପ୍ରାଥମିକ ବିଦ୍ୟାଳୟ ସ୍ତରର ଭାଷା ଶିକ୍ଷାର୍ଥୀଙ୍କର ଶ୍ରବଣ ଓ କଥନ କୌଶଳର ବିକାଶ ନିମନ୍ତେ ଉପଯୋଗୀ ?

(1) ଗଳ୍ପ କଥନ ଓ ଶ୍ରୁତଲିଖନ

(2) କବିତା ଆବୃତ୍ତି ଓ ଭାଷା ପ୍ରୟୋଗଶାଳା

(3) ଅଭିନୟ ତଥା ସମାଚାର ପଠନ

(4) ଅଭିନୟ ତଥା ପାରସ୍ପରିକ କଥୋପକଥନ (interaction)

**122.** ଭାଷାର ଉପଚାରାତ୍ମକ ଶିକ୍ଷଣ (remedial teaching)ର ଉଦ୍ଦେଶ୍ୟ ହେଲା—

(1) ଶିକ୍ଷାର୍ଥୀଙ୍କର ଶିକ୍ଷାର ଆରମ୍ଭରେ ଦେଖାଦେଉଥିବା ଭୁଲ୍‌ରେ ସୁଧାର ଆଣିବା

(2) ଜ୍ଞାନ ସମ୍ବନ୍ଧୀୟ ଭୁଲ୍‌ରେ ସୁଧାର ଆଣିବା

(3) ଶିକ୍ଷାର୍ଥୀଙ୍କର ଆତ୍ମବିଶ୍ୱାସରେ ବୃଦ୍ଧି କରିବା

(4) ଏ ସମସ୍ତ କାରଣ

**123.** ଭାଷାର ସାଧାରଣ ବୋଧର ମୂଲ୍ୟାଙ୍କନ ପାଇଁ ସର୍ବାଧିକ ଉପଯୋଗୀ ପ୍ରଶ୍ନ ହେବ—

(1) ଅତି ସଂକ୍ଷେପ ଉତ୍ତରମୂଳକ ପ୍ରଶ୍ନ

(2) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

(3) ନିବନ୍ଧାତ୍ମକ ଉତ୍ତରମୂଳକ ପ୍ରଶ୍ନ

(4) ବସ୍ତୁନିଷ୍ଠ ପ୍ରଶ୍ନ

**124.** "ପିଲାମାନେ ଭାଷା ଶିକ୍ଷାର ନୈସର୍ଗିକ ଶକ୍ତି ନେଇ ଜନ୍ମଗ୍ରହଣ କରିଥାନ୍ତି।" ଉକ୍ତିଟି କାହାର ?

(1) ଜିନ୍ ପିଆଜେଟ୍ (Piaget)

(2) ଚମସ୍କି (Chowmsky)

(3) ଭୋଗସ୍କି (Vygotsky)

(4) ପାଭ୍‌ଲଭ୍ (Pavlov)

**125.** ଯଦି ହିନ୍ଦୀଭାଷୀ କ୍ଷେତ୍ରରୁ କୌଣସି ବାଳିକା ଆପଣଙ୍କ ଅଞ୍ଚଳକୁ ଆସେ, ତେବେ ସେ ଆପଣଙ୍କ ଭାଷା ବ୍ୟବହାର କରିବା ସମୟରେ ଅନେକ ଭୁଲ୍ କରିଥାଏ। ଜଣେ ଭାଷା ଶିକ୍ଷକ ଭାବରେ ଆପଣ ଏଥିମଧ୍ୟରୁ କେଉଁ ଉକ୍ତିଟିକୁ ଯଥାର୍ଥ ମନେ କରିବେ ?

(1) ତାକୁ ବାରମ୍ବାର ତା'ର ତ୍ରୁଟି ସଂପର୍କରେ ଅବଗତ କରିବା ଉଚିତ୍

(2) ତାକୁ ଭାଷାକୁ ଅଧିକରୁ ଅଧିକ ବ୍ୟବହାର କରିବାର ସୁଯୋଗ ଦେବା ଉଚିତ୍

(3) ତାକୁ ପ୍ରତ୍ୟେକ ଦିନ ଅଧାଘଣ୍ଟା ଭାଷା କଥନ ଅଭ୍ୟାସ କରିବାର ଉପଦେଶ ଦେବା ଉଚିତ୍

(4) ଭାଷା ବ୍ୟବହାରରେ ତା'ର ମାତୃଭାଷାର ପ୍ରଭାବ ରହିବାର ସୁଯୋଗ ଦେବା ଉଚିତ୍ ନୁହେଁ

**126.** ଏଥିମଧ୍ୟରୁ କେଉଁ ଉଦ୍ଦେଶ୍ୟରେ ଭାଷା ଶିକ୍ଷା କରିବା ଉଚିତ୍ ନୁହେଁ ?

(1) ଜୀବନର ବିଭିନ୍ନ ସୋପାନ ସଂପର୍କରେ ଜାଣିବା

(2) ଭାଷାବୋଧ ଶିକ୍ଷା କରିବା

(3) ନିଜର ଅନ୍ତଃସ୍ୱର ଜାଣିବା

(4) ଜୀବନର ବିଭିନ୍ନ ଆବଶ୍ୟକତା ପୂର୍ଣ୍ଣ କରିବା

www.prepp.in

Prepp
Your Personal Exams Guide

**127.** ଭାଷା ଶିକ୍ଷା କ୍ଷେତ୍ରରେ ଏଥିମଧ୍ୟରୁ କେଉଁଟି ନିବନ୍ଧାତ୍ମକ ପ୍ରଶ୍ନ ମାଧ୍ୟମରେ ପରୀକ୍ଷା ଦ୍ୱାରା ସମ୍ଭବ ହୋଇଥାଏ ?

(1) ଲିଖିତ ଭାଷାରେ ନିଜର ବିଚାରଧାରାକୁ ଉଲ୍ଲେଖ କରିବାର ଦକ୍ଷତା ହାସଲ କରାଯାଇପାରେ

(2) ପରୀକ୍ଷା ନିମନ୍ତେ ଅଳ୍ପ କେତେକ ପ୍ରଶ୍ନର ଉତ୍ତର ପାଇଁ ପ୍ରସ୍ତୁତି ସହଜରେ କରିହୁଏ

(3) ଶିକ୍ଷାର୍ଥୀଙ୍କୁ ଅଳ୍ପ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥାଏ। ଫଳରେ ଶିକ୍ଷାରେ ଅଳ୍ପ ସମୟ ବିନିଯୋଗ ହୋଇଥାଏ

(4) ଏହାଦ୍ୱାରା ସମଗ୍ର ପାଠ୍ୟକ୍ରମକୁ ଆୟତ୍ତ କରାଯାଇପାରେ

**128.** ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କର ଲିଖନ କୌଶଳ ବୃଦ୍ଧି କରାଇବା ପାଇଁ କ'ଣ ଆବଶ୍ୟକ ?

(1) ବିଚାରଧାରାରେ ମୌଳିକତା

(2) ପ୍ରତୀକାତ୍ମକ ଭାଷାର ପ୍ରୟୋଗ

(3) ଯଥାର୍ଥ ଶବ୍ଦାବଳୀର ପ୍ରୟୋଗ

(4) ସୁନ୍ଦର ହସ୍ତାକ୍ଷର

**129.** ଭାଷା ଶିକ୍ଷା ପ୍ରସଂଗରେ ଅବିରତ ଏବଂ ସମଗ୍ର ମୂଲ୍ୟାଙ୍କନ ନିମନ୍ତେ କେଉଁଥିରେ ଗୁରୁତ୍ୱ ଦିଆଯାଇଥାଏ ?

(1) ଉପଯୁକ୍ତ ଶବ୍ଦାବଳୀ

(2) ପ୍ରକଳ୍ପ କାର୍ଯ୍ୟ

(3) ଶୁଦ୍ଧ ଉଚ୍ଚାରଣ

(4) ବିଭିନ୍ନ ସଂଦର୍ଭରେ ଭାଷା ବ୍ୟବହାରର ଯୋଗ୍ୟତା

**130.** ବହୁଭାଷିକତା—

(1) ଭାଷା ଶିକ୍ଷାରେ ପ୍ରତିବନ୍ଧକ

(2) ଭାଷା ସମ୍ବଳ ପ୍ରତି ଏକ ବିପଦ ସଦୃଶ

(3) ଭାଷା ଶିକ୍ଷାର ମୁଖ୍ୟ ସମ୍ବଳ

(4) ଭାଷା ଶିକ୍ଷାରେ ଏକ ସମସ୍ୟା

**131.** ଭାଷାର ପ୍ରାଥମିକ ରୂପ ହେବ—

(1) ସାଂକେତିକ ଭାଷା

(2) ବ୍ୟାକରଣ

(3) ଲିଖିତ ଭାଷା

(4) ମୌଖିକ ଭାଷା

**132.** ପ୍ରାଥମିକ ସ୍ତରରେ ଗଳ୍ପ ଓ କବିତାର କେଉଁ ବିଭବଟି ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ?

(1) ସେଗୁଡ଼ିକ ନୀତିଶିକ୍ଷାମୂଳକ ହେବା ଆବଶ୍ୟକ

(2) କବିତା ଓ ଗଳ୍ପରେ ଉନ୍ନତ ଶବ୍ଦାବଳୀ ରହିବା ଆବଶ୍ୟକ

(3) ବିଭିନ୍ନ ଘଟଣା ଓ ନାମର ପୁନରାବୃତ୍ତି ହେବା ଆବଶ୍ୟକ

(4) ପାଠ୍ୟରେ ବିଶିଷ୍ଟ ଲେଖକଙ୍କର ରଚନା ରହିବା ଆବଶ୍ୟକ

**133.** ଭାଷା ଶିକ୍ଷଣରେ ବ୍ୟାକରଣ ଶିକ୍ଷା ______ର ବିକାଶରେ ସହାୟକ ହୋଇଥାଏ।

www.prepp.in

(1) ଶୁଦ୍ଧତା

(2) ପ୍ରବାହ

(3) ସଂଖ୍ୟାତ୍ମକତା

(4) ସାକ୍ଷରତା

**134.** ଲିଖନ ପରଂପରାର ଉପଯୋଗୀ କ'ଣ ?

(1) କାହାଣୀ ଧର୍ମ

(2) କଳ୍ପନା

(3) ଯଥାର୍ଥ ବିରାମ ଚିହ୍ନର ପ୍ରୟୋଗ

(4) ଉତ୍ତମ ଶବ୍ଦାବଳୀ

**135.** ଭାଷା ମୂଲ୍ୟାଙ୍କନର ମୁଖ୍ୟ ଉଦ୍ଦେଶ୍ୟ ହେଲା—

(1) ଶିକ୍ଷାର୍ଥୀଙ୍କର ତ୍ରୁଟି ବାହାର କରିବା

(2) ଉଚ୍ଚ ଶ୍ରେଣୀକୁ ଯିବାପାଇଁ ଶିକ୍ଷାର୍ଥୀଙ୍କର ଦକ୍ଷତା ନିର୍ଦ୍ଧାରଣ କରିବା

(3) ଶିକ୍ଷାର୍ଥୀଙ୍କର କୃତିତ୍ୱ ଆକଳନ କରିବା

(4) ତ୍ରୁଟି ବାହାର କରି ତା'ର ସୁଧାର ନିମନ୍ତେ ଉପଚାର ପ୍ରସ୍ତୁତ କରିବା

**ନିର୍ଦ୍ଦେଶ :** ନିମ୍ନ ଗଦ୍ୟାଂଶକୁ ପାଠକରି ଏହା ପରେ ଥିବା ପ୍ରଶ୍ନଗୁଡ଼ିକର **(ପ୍ରଶ୍ନ ସଂଖ୍ୟା 136–143)**ର ଉତ୍ତର ଭାବେ ସେଥିରେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ।

Prepp
Your Personal Exams Guide

"ଆଧୁନିକ ଶବ୍ଦଟି ସାହିତ୍ୟ କ୍ଷେତ୍ରରେ ଯେପରି ବହୁଳ ପ୍ରଚଳିତ ଅନ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି। ସଭ୍ୟତା, ଦୃଷ୍ଟିକୋଣ, ବିଚାରଧାରା, ଏ ସବୁଥିରେ ମଧ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ଭାବ ବ୍ୟକ୍ତ କରିବା ପାଇଁ 'ଆଧୁନିକ' ଶବ୍ଦ ପ୍ରୟୋଗ କରାଯାଇଥାଏ। ବାସ୍ତବିକ ଏ ଶବ୍ଦଟିର ଅର୍ଥ କଅଣ ଓ ଏଥିରେ କି ଭାବ ପ୍ରକାଶିତ ହୁଏ, ତାହାହିଁ ଏକ ଆଲୋଚ୍ୟ ବିଷୟ।

ଆଧୁନିକ କହିଲେ ପ୍ରଗତିଶୀଳ—ତେଣୁ ପ୍ରଶଂସନୀୟ ଓ ଅନୁକରଣୀୟ, ଏହାହିଁ ସାଧାରଣତଃ ବୁଝାଇଥାଏ। ସାହିତ୍ୟ କ୍ଷେତ୍ରରେ ଏହି ଅର୍ଥରେ 'ଆଧୁନିକ' ବ୍ୟବହୃତ ହୋଇଥାଏ। ସବୁ କ୍ଷେତ୍ରରେ 'ଆଧୁନିକ' ହେବା ପାଇଁ ଉପଦେଶ ଦିଆଯାଏ ଓ 'ଆଧୁନିକ' ବୋଲି ଅନ୍ୟମାନଙ୍କୁ ଲଘୁ ଜ୍ଞାନ କରି ନିଜକୁ ଗୁରୁତ୍ୱ ମଧ୍ୟ ଦିଆ ହୁଏ। କିନ୍ତୁ ଆମ୍ଭେମାନେ କେବେ ଚିନ୍ତା କରିଛୁ କି, ଯେଉଁଠି ସମାଜର ଜୀବନ-ପ୍ରବାହ ଅତି ଦୀର୍ଘ ଓ ଅବ୍ୟାହତ ସେଠି ଯେତେ ଅଗ୍ରଗତି କଲେ ମଧ୍ୟ ପ୍ରବାହ ଆଧୁନିକ ହୋଇପାରେ ନାହିଁ। ଯେଉଁଠି ସମାଜରେ ପୂର୍ବାପର ସଙ୍ଗତି ବ୍ୟାହତ ହୋଇଛି, ସାମାଜିକ ବିପ୍ଳବ, ଯୁଦ୍ଧ ଇତ୍ୟାଦି ଦ୍ୱାରା, ସେଠି ପୁଣି ନୂତନ ପ୍ରବାହର ସୃଷ୍ଟି ହୁଏ ଓ ପ୍ରାଚୀନ ଧାରା କେବଳ ଇତିହାସର ବସ୍ତୁ ହୋଇ ରହିଯାଏ; ତାହା ଆଉ ଜୀବନର ଅଙ୍ଗ ହୋଇ ରହେ ନାହିଁ। ସେଇଠି ଆଧୁନିକ ସବୁ କିଛି। ନୀଳ ନଦୀ ତୀରରେ ଯେଉଁ ପ୍ରାଚୀନ ସଭ୍ୟତାର ସାକ୍ଷୀରୂପେ ପିରାମିଡ୍‌ମାନ ଦଣ୍ଡାୟମାନ, ସେହି ସଭ୍ୟତା ଆଜି ଲୁପ୍ତ। ତେଣୁ ଇଜିପ୍‌ଟର ପ୍ରାଚୀନ ଓ ଆଧୁନିକ ବୋଲି ସାମାଜିକ ଜୀବନକୁ ଭେଦ କରିଦେଇ ହେବ। ପରସ୍ପର ତୁମୁଳ ସଂଘର୍ଷ ଫଳରେ ଯେତେବେଳେ ଇଉରୋପର ଅଞ୍ଚଳମାନ ବିପର୍ଯ୍ୟସ୍ତ ହୋଇ ନୂଆ ନୂଆ ରାଜ୍ୟ ଆକାରରେ ଧ୍ୱଂସ ଭିତରୁ ବାହାରିଲେ, ସେତେବେଳେ ସେଠି 'ଆଧୁନିକତ୍ୱ'ର ସୃଷ୍ଟି ହେଲା; କିନ୍ତୁ ଭାରତର ଆଧୁନିକତ୍ୱର ସୃଷ୍ଟି ଅତି ଅସ୍ୱାଭାବିକ ଅବସ୍ଥାରେ।"

**136.** ଗଦ୍ୟାଂଶଟିର ଆଲୋଚନାର ବିଷୟବସ୍ତୁ କ'ଣ ?

(1) ପ୍ରଗତିଶୀଳ ମଣିଷ

(2) ସମାଜର ପ୍ରଗତି

(3) ଆଧୁନିକ ଶବ୍ଦର ବହୁଳ ବ୍ୟବହାର

(4) ଆଧୁନିକ ଶବ୍ଦର ଅର୍ଥ

www.prepp.in

**137.** କେଉଁ କ୍ଷେତ୍ରରେ ଜୀବନ ପ୍ରବାହ ଆଧୁନିକ ହୋଇ ନଥାଏ ?

(1) ଯେଉଁଠାରେ ପୂର୍ବାପର ସଂଗତି ବ୍ୟାହତ

(2) ଯେଉଁଠାରେ ସମାଜର ଜୀବନ ପ୍ରବାହ ଦୀର୍ଘ ଏବଂ ଅବ୍ୟାହତ

(3) ଯେଉଁଠାରେ ଜୀବନ ତିଷ୍ଟି ରହିପାରେ ନାହିଁ

(4) ନୀଳ ନଦୀ ତଟରେ

**138.** ସାହିତ୍ୟରେ 'ଆଧୁନିକ' କେଉଁ ଅର୍ଥରେ ବ୍ୟବହୃତ ହୋଇଥାଏ ?

(1) ପ୍ରଗତିଶୀଳ ତେଣୁ ଅନୁକରଣୀୟ

(2) ସାମାଜିକ ବିପ୍ଳବର ବର୍ଣ୍ଣନାରେ

(3) ଇତିହାସକୁ ଆଧାର କରି ବ୍ୟାଖ୍ୟା କରିବାରେ

(4) ଆଧୁନିକ ମଣିଷର ସଂଘର୍ଷପୂର୍ଣ୍ଣ ଜୀବନର ବର୍ଣ୍ଣନା ଦେବାରେ

**139.** ସଭ୍ୟତାର ଲୋପ ହୋଇଥିଲେ [illegible] ତୀରରେ ଥିବା ପିରାମିଡ୍‌ଗୁଡ଼ିକର ଭୂମିକା କ'ଣ ?

(1) ଆଧୁନିକତାର ବାର୍ତ୍ତାବହ

(2) ଧ୍ୱଂସର ପ୍ରତୀକ

(3) ପ୍ରାଚୀନ ସଭ୍ୟତାର ସାକ୍ଷ୍ୟ

(4) ଆଧୁନିକ ମଣିଷର ପ୍ରଗତିର ସାକ୍ଷୀ

**140.** 'ଅନୁକରଣୀୟ' ଶବ୍ଦରେ କେଉଁ ପ୍ରତ୍ୟୟର ବ୍ୟବହାର ରହିଛି ?

(1) ଣିୟ

(2) ଇୟ

(3) କଣିୟ

(4) ଅନୁ

**141.** 'ଲଘୁ'ର ବିପରୀତାର୍ଥକ ଶବ୍ଦଟି ହେବ—
www.prepp.in

(1) ହ୍ରାସ

(2) ଘନିଷ୍ଠ

(3) ଶ୍ରେୟ

(4) ଗୁରୁ

**142.** 'ତୁମୁଳ'ର ସମାର୍ଥକ ପ୍ରୟୋଗ ହେବ—

(1) ଧ୍ୱଂସ

(2) ଶାନ୍ତ

(3) ଭୀଷଣ

(4) ମୂଳରୁ ଶେଷ ପର୍ଯ୍ୟନ୍ତ

**143.** 'ଆଧୁନିକ' ଶବ୍ଦକୁ ବିଶେଷ ପଦରେ ପ୍ରକାଶ କଲେ ହେବ—

(1) ଆଧୁନିକତା

(2) ଅତ୍ୟାଧୁନିକତା

(3) ଉତ୍ତର-ଆଧୁନିକତା

(4) ଆଧୁନିକତ୍ୱ

**ନିର୍ଦ୍ଦେଶ :** ନିମ୍ନ ଗଦ୍ୟାଂଶକୁ ପାଠକରି ଏହା ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର **(ପ୍ରଶ୍ନ ସଂଖ୍ୟା 144–150)**ର ଉତ୍ତର ଭାବେ ସେଥିରେ ଦିଆଯାଇଥିବା ଉତ୍ତର ମଧ୍ୟରୁ ସବୁଠାରୁ ଅଧିକ ସମ୍ଭାବ୍ୟ ଉତ୍ତରଟି ବାଛନ୍ତୁ।

"ଗୁରୁ-ଶିଷ୍ୟ ଆମ୍ଭର ଏ ପୁରାଣ ପ୍ରସିଦ୍ଧ ଦେଶରେ ଆଜିର କଥା ନୁହେଁ। ଶୈଶବ ଅତୀତ ହେଲେ ଭାରତବାସୀ ଚିରକାଳ କୈଶୋର, କୌମାର ଗୁରୁଗୃହରେ କଟାଇ ଆସୁଛନ୍ତି। ଗୁରୁ ଏ ଦେଶରେ ଚିରକାଳ ଶିଷ୍ୟର ଜୀବନର ଗତି ନିର୍ଦ୍ଦେଶ କରନ୍ତି ଏବଂ ନିଜର ଶାସନ ପାଇଁ ଜୀବନକୁ ଅନନ୍ତ ସାଧନାରେ ସିଦ୍ଧ କରିଥାନ୍ତି। ଏ ଜୀବନରେ ସେ ସାଧନା କେତେଦୂର ସମ୍ଭବ ହେଉଅଛି, ତାହା ଆମ୍ଭେମାନେ କହି ପାରିବା ନାହିଁ। ମାତ୍ର ଗୋଟିଏ କଥା ତୁମ୍ଭକୁ ଏଠାରେ କହିବାର ଅଛି, ଏ ଭୂମିରେ ଆର୍ଯ୍ୟର ଚିରକାଳ ବିଶ୍ୱାସ। ଭଗବାନ ଯେପରି ଜୀବଜନ୍ତୁ ଓ ଶିଶୁମାନବର ଶାସନ ନିମନ୍ତେ ପ୍ରକୃତିର ଅନନ୍ତ ଶକ୍ତି ସଜାଡ଼ି ରଖିଛନ୍ତି, ବାଲ୍ୟ ଶୈଶବର ସ୍ନେହମିଶ୍ରିତ ଶାସନ ପାଇଁ ଯେପରି ପିତାମାତା ସ୍ୱଜନ ମାନଙ୍କ ହୃଦୟରେ ନୈସର୍ଗିକ ଆଦର୍ଶ ରଖିଛନ୍ତି, ଗୁରୁ ପାଇଁ ସେହିପରି ଶାସ୍ତ୍ର ଅଛି। ମାତା ପିଲାମାନଙ୍କୁ ଶାସନ କରେ; କିନ୍ତୁ ସେ ଶାସନ ପାଇଁ ଉପଯୁକ୍ତ ହେବାକୁ ନିଜେ ସର୍ବଦା ନିଜ ପ୍ରାଣର ସନ୍ତାନ ବାତ୍ସଲ୍ୟ ରୂପେ ସ୍ୱାଭାବିକ ବୃତ୍ତିରେ ଶାସିତ ହୁଏ। ଗୁରୁ ସେହିପରି ଶିଷ୍ୟର ଶାସନ କରନ୍ତି, କିନ୍ତୁ ନିଜେ ଶାସ୍ତ୍ରର ନୀତିରେ ଶାସିତ ହୁଅନ୍ତି।

ମନୁଷ୍ୟର ନାନା ଆଦର୍ଶ ମଧ୍ୟରେ ବିଧାତା ହିଁ ପରମ ଆଦର୍ଶ। ପ୍ରକୃତରେ ସେଇ ବିଧାତାଙ୍କର ଶକ୍ତି ଶିଶୁର ଶାସନ କରେ। ମାତାର ହୃଦୟରେ ସେହି ମହାଭାବ ସ୍ନେହରୂପେ ଜାଗ୍ରତ ହୁଏ ଏବଂ ସେହି ବିଧାତା ମଧ୍ୟ ଗୁରୁ-ଶିଷ୍ୟର ସମ୍ବନ୍ଧ ନିର୍ଦ୍ଦେଶ କରିଦିଅନ୍ତି। ସମସ୍ତ ଶାସ୍ତ୍ରର ନିର୍ଦ୍ଦେଶ ମଧ୍ୟରେ ଗୁରୁ ବିଧାତାଙ୍କର ଉପଦେଶ ଶୁଣେ। ଶିଷ୍ୟ ମଧ୍ୟ ଗୁରୁମୁଖରେ ସେଇ ମୁଗ୍ଧ ଈଶାବାଣୀ ଅନୁଭବ କରେ ଏବଂ ଈଶ୍ୱର ଭାବରେ, ବିଧାତାଙ୍କର ପରମ ଆଦର୍ଶରେ ଜଗତର ସକଳ ସମ୍ବନ୍ଧ ନିୟମିତ ହୁଏ।"

**144.** ଅନୁଚ୍ଛେଦଟିରେ ମୁଖ୍ୟତଃ କେଉଁ ବିଷୟରେ ଆଲୋଚନା କରାଯାଇଛି ?

(1) ଗୁରୁ ସହିତ ଶିଷ୍ୟଙ୍କ ସଂପର୍କ

(2) ମଣିଷ ଜୀବନରେ ଗୁରୁଙ୍କର ଆବଶ୍ୟକତା

(3) ଗୁରୁକୂଳରେ ଶିକ୍ଷା

(4) ଗୁରୁ-ଶିଷ୍ୟ ପରଂପରା

**145.** କେଉଁମାନଙ୍କ ଠାରେ ନୈସର୍ଗିକ ଆଦର୍ଶ ରହିଥାଏ ?

www.prepp.in

(1) ମଣିଷ ନିକଟରେ

(2) ପିତାମାତାଙ୍କ ଠାରେ

(3) ପିତାମାତା ଓ ସ୍ୱଜନମାନଙ୍କ ଠାରେ

(4) ଗୁରୁଙ୍କ ଠାରେ

**146.** କାହାକୁ ମନୁଷ୍ୟର ଶ୍ରେଷ୍ଠ ଆଦର୍ଶ କୁହାଯାଇଛି ?

(1) ଗୁରୁ

(2) ଶିଶୁ

(3) ଜନସମାଜ

(4) ବିଧାତା

**147.** 'ମହାଭାବ' କାହାକୁ କୁହାଯାଇଛି ?

(1) ବିଧାତାଙ୍କର ଶକ୍ତି

(2) ଗୁରୁ-ଶିଷ୍ୟର ସମ୍ବନ୍ଧ

(3) ପିତାମାତାଙ୍କର ସ୍ନେହ

(4) ଈଶାବାଣୀ

**148.** ଏଥିମଧ୍ୟରୁ କେଉଁ ଶବ୍ଦଟି 'ପ୍ରାକୃ[illegible]' [illegible] କରିଥାଏ ?

prepp
Your Personal Exams Guide

(1) କୌମାର

(2) ନୈସର୍ଗିକ

(3) ଅନନ୍ତ

(4) ସ୍ୱାଭାବିକ

**149.** 'ଶାସିତ'ର ବିଶେଷ ପଦରୂପ କ'ଣ ହେବ ?

(1) ଅନୁଶାସନ

(2) ଶାସନ

(3) ଶାସନ ନିମିତ୍ତ

(4) ସ୍ୱଶାସନ

**150.** 'କୌମାର'ର ବୟସ ସୀମା କ'ଣ ?

(1) ବାଲ୍ୟାବସ୍ଥାପରେ ଦଶବର୍ଷ ପର୍ଯ୍ୟନ୍ତ

(2) ବାଲ୍ୟାବସ୍ଥାର ପରବର୍ତ୍ତୀ ଅବସ୍ଥା

(3) ବାଲ୍ୟାବସ୍ଥାରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ

(4) ପନ୍ଦର ବର୍ଷର ପର ଅବସ୍ଥା

www.prepp.in
Prepp
Your Personal Exams Guide

Prepp Your Personal Exam Guide

www.prepp.in

Prepp
Your Personal Exams Guide

*ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲଭାବରେ ପାଠ କରନ୍ତୁ :*

www.prepp.in
Prepp
Your Personal Exams Guide

**1.** ପ୍ରଶ୍ନଗୁଡ଼ିକର ଉତ୍ତର କିପରି ଭାବରେ ଦିଆଯିବ ପରୀକ୍ଷା ପୁସ୍ତିକାରେ ବୁଝାଇ ଦିଆଯାଇଛି । ଉତ୍ତର ଦେବା ପୂର୍ବରୁ ଏଗୁଡ଼ିକୁ ଭଲଭାବରେ ପଢ଼ିନେବା ଉଚିତ୍ ।

**2.** ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର **ପୃଷ୍ଠା–2** ରେ **କଳା/ନୀଳ ବଲ୍‌ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

**3.** ଉତ୍ତର ଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍ ନମ୍ବର ଲେଖାଯିବ ନାହିଁ ।

**4.** ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ଯତ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳା ଯାଇପାରିବ ନାହିଁ ।

**5.** ଉପସ୍ଥାନ ଖାତାରେ (Attendance Sheet) ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତର ଖାତାର କ୍ର. ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

**6.** OMR ଉତ୍ତର ପତ୍ରରେ ଦିଆଯାଇଥିବା ସାଙ୍କେତିକ ତଥ୍ୟ ମେସିନ୍‌ଦ୍ୱାରା ପଢ଼ାଯିବ । ତେଣୁ କୌଣସି ପ୍ରକାରର ତଥ୍ୟ ପ୍ରଦାନକାରୀ ସ୍ଥାନକୁ ଖୋଲା ଛଡ଼ା ଯିବନାହିଁ । ଏହାଛଡ଼ା ଆଡ଼ମିଟ୍ କାଡ଼ରେ ଦିଆଯାଇଥିବା ତଥ୍ୟଠାରୁ ଏହା ପୃଥକ ହେବା ଉଚିତ୍ ନୁହେଁ ।

**7.** କେବଳ ପ୍ରବେଶ ପତ୍ର (Admit Card) ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ, ମୋବାଇଲ୍ ଫୋନ୍, ପେଜର ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇପାରିବେ ନାହିଁ ।

**8.** ମୋବାଇଲ୍ ଫୋନ୍, ୱାୟରଲେସ୍ ଯୋଗାଯୋଗ ଯନ୍ତ୍ର ତଥା ଅନ୍ୟ ପଦାର୍ଥ ଆଦି ପରୀକ୍ଷା କକ୍ଷକୁ ନିଆଯାଇପାରିବ ନାହିଁ । ଏ ନିର୍ଦ୍ଦେଶର ଅବମାନନା କଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରାଗଲା ବୋଲି ଧରି ନିଆଯିବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ସଂଗେ ପରୀକ୍ଷାକୁ ବାତିଲ୍ କରାଯିବ ।

**9.** ପରୀକ୍ଷକ ଚାହିଁବା ମାତ୍ରକେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।

**10.** ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

**11.** ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁକାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ ।

**12.** କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

**13.** ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସି.ବି.ଏସ୍.ଇ.ର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**14.** କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତର ପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ୍ କରାଯାଇପାରିବ ନାହିଁ ।

**15.** **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

Prepp Your Personal Exam Guide

## निम्नलिखित निर्देशों को ध्यान से पढ़ें :

www.prepp.in

1. जिस प्रकार से विभिन्न प्रश्नों के उत्तर दिए जाने हैं उसका वर्णन परीक्षा पुस्तिका में किया गया है, जिसे आप प्रश्नों का उत्तर देने से पहले ध्यान से पढ़ लें।
2. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर-पत्र के **पृष्ठ-2** पर केवल एक वृत्त को ही पूरी तरह **काले/नीले बॉलपॉइंट पेन** से भरें। एक बार उत्तर अंकित करने के बाद उसे बदला नहीं जा सकता है।
3. परीक्षार्थी सुनिश्चित करें कि इस उत्तर-पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
4. परीक्षा पुस्तिका एवं उत्तर-पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर-पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
5. परीक्षा पुस्तिका/उत्तर-पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाजिरी-पत्र में लिखें।
6. OMR उत्तर-पत्र में कोडित जानकारी को एक मशीन पढ़ेगी। इसलिए कोई भी सूचना अधूरी न छोड़ें और यह प्रवेश-पत्र में दी गई सूचना से भिन्न नहीं होनी चाहिए।
7. परीक्षार्थी द्वारा परीक्षा हॉल/कक्ष में प्रवेश-पत्र के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
8. मोबाइल फोन, बेतार संचार युक्तियाँ (स्विच ऑफ अवस्था में भी) और अन्य प्रतिबंधित वस्तुएँ परीक्षा हॉल/कक्ष में नहीं लाई जानी चाहिए। इस सूचना का पालन न होने पर इसे परीक्षा में अनुचित साधनों का प्रयोग माना जाएगा और उनके विरुद्ध कार्यवाही की जाएगी, परीक्षा रद्द करने सहित।
9. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-पत्र दिखाएँ।
10. केन्द्र अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
11. कार्यरत निरीक्षक को अपना उत्तर-पत्र दिए बिना एवं हाजिरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल/कक्ष नहीं छोड़ेंगे। यदि किसी परीक्षार्थी ने दूसरी बार हाजिरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर-पत्र नहीं लौटाया है और यह अनुचित साधन का मामला माना जाएगा। **परीक्षार्थी अपने बाएँ हाथ के अँगूठे का निशान हाजिरी-पत्र में दिए गए स्थान पर अवश्य लगाएँ।**
12. इलेक्ट्रॉनिक/हस्तचालित परिकलक का उपयोग वर्जित है।
13. परीक्षा हॉल/कक्ष में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा।
14. किसी हालत में परीक्षा पुस्तिका और उत्तर-पत्र का कोई भाग अलग न करें।
15. **परीक्षा सम्पन्न होने पर, परीक्षार्थी हॉल/कक्ष छोड़ने से पूर्व उत्तर-पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***

## READ THE FOLLOWING INSTRUCTIONS CAREFULLY :

Prepp
Your Personal Exams Guide

1. The manner in which the different questions are to be answered has been explained in the Test Booklet which you should read carefully before actually answering the questions.
2. Out of the four alternatives for each question, only one circle for the correct answer is to be darkened completely with **Black/Blue Ballpoint Pen** on **Side-2** of the OMR Answer Sheet. The answer once marked is not liable to be changed.
3. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
4. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
5. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
6. A machine will read the coded information in the OMR Answer Sheet. Hence, no information should be left incomplete and it should not be different from the information given in the Admit Card.
7. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the Examination Hall/Room.
8. Mobile phones, wireless communication devices (even in switched off mode) and the other banned items should not be brought in the Examination Halls/Rooms. Failing to comply with this instruction, it will be considered as using unfair means in the examination and action will be taken against them including cancellation of examination.
9. Each candidate must show on demand his/her Admit Card to the Invigilator.
10. No candidate, without special permission of the Centre Superintendent or Invigilator, should leave his/her seat.
11. The candidates should not leave the Examination Hall/Room without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet second time will be deemed not to have handed over the Answer Sheet and dealt with as an unfair means case. **The candidates are also required to put their left hand THUMB impression in the space provided in the Attendance Sheet.**
12. Use of Electronic/Manual Calculator is prohibited.
13. The candidates are governed by all Rules and Regulations of the Board with regard to their conduct in the Examination Hall/Room. All cases of unfair means will be dealt with as per Rules and Regulations of the Board.
14. No part of the Test Booklet and Answer Sheet shall be detached under any circumstances.
15. **On completion of the test, the candidate must hand over the Answer Sheet to the Invigilator in the Hall/Room.** ***The candidates are allowed to take away this Test Booklet with them.***